# Akashvani, Sambalpur

## SAMBALPURI NEWS BULLETIN

### 15 June 2024- 6.47- 6.52 am.

*********************************************

ନାଗରିକ ନ୍ୟାୟ ସଂହିତା ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ଆଏବା ମାସ ପହେଲାନୁ ନାଗରିକ ନ୍ୟାୟ ସଂହିତା ଲାଗୁ ହେବା । ଇଥିର୍‌ଲାଗି ଦେଢ଼ଶହ ବଛର୍‌ନୁ ଅଏତ୍‌କା ସମିଆ ହେଲା ପ୍ରଚଲିତ୍ ହେଉଥିବା ଆଇପିସି, ସିଆର୍‌ପିସି ଆଉ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବାଗିର୍ ନିୟମ୍ ହଟେଇ ଦିଆଯିବା । ଇତାକେ ନେଇକରି ଗଲାକାଏଲ୍ କେନ୍ଦ୍ର ଗୃହ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଆଭାସି ଜରିଏ ହେଇଥିବା ବୈଠକ୍‌ଥି ସବୁ ରାଜ୍ୟ ମୁଖ୍ୟ ଶାସନ୍ ସଚିବ ଆଉ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗ୍ ଦେଇକରି ନୂଆଁ ଆଇନ୍ ଲାଗୁ କର୍‌ବାର୍ ବାବ୍‌ଦେ ଆଲୋଚନା କରିଥିଲେ । ହେଲେ ନୂଆଁ ଆଇନ୍ ଲାଗୁ ହେବାର୍ ଆଘୋନୁ ରୁଜୁ ହେଇଥିବା ପୁର୍‌ନା ମାମ୍‌ଲାମାନ୍‌କର୍ ବିଚାର୍ ପୁର୍‌ନା ଆଇପିସି ଆର୍ ସିଆର୍‌ପିସି ନିୟମ୍ ଅନ୍‌ସାରେ ହେବା ବଲି ସ୍ୱଷ୍ଟ କରାଯାଇଛେ । ଇ ବାବ୍‌ଦେ

ସୂଚ୍‌ନା ଦେଇକରି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ କହିଛନ୍ ଯେ, ଗଲା ଡିସେମ୍ବର୍ ମାସେ ସଂଶୋଧିତ ହେଇଥିବା ନୂଆଁ ଆଇନ୍ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଆର୍ ଭାରତୀୟ ସାକ୍ଷୀ ଅଧିନିୟମ୍‌କେ ଲାଗୁ କର୍‌ବାର୍ ଲାଗି ସର୍‌କାରୀ ବିଜ୍ଞପ୍ତି ବାହାରିଛେ । ହେଥିର୍‌ଲାଗି ଆଉ ପୁର୍‌ନା ଆଇପିସି ଆର୍ ସିଆର୍‌ପିସି ଲାଗୁ ନାଇଁ ହୁଏ । ଇଥିର୍‌ଲାଗି ଓଡ଼ିଶା ନ କ୍ରାଇମ୍‌ବ୍ରାଂଚ୍ ଏଡିଜିଙ୍କର୍ ଅଧକ୍ଷତାଥି ପୁଲିସ୍ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଉଛେ । ସେ ଆହୁରି କହିଛନ୍ ଯେ, ପୁର୍‌ନା ଆଇନ୍ ନିୟମ୍‌ଥି ଅପରାଧ୍‌କେ ଗୁରୁତ୍ୱ ଦିଆଯାଇଥିବାର୍ ବେଲେ ଲାଗୁ ହେବାର୍‌କେ ଯାଉଥିବା ନୂଆଁ ଆଇନ୍ ବ୍ୟବସ୍ଥାଥି ନ୍ୟାୟକେ ଅଏତ୍‌କା ଗୁରୁତ୍ୱ ଦିଆଯାଇଛେ ।

ଦେବସ୍ନାନ ପୁର୍ଣ୍ଣିମା ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ଜୁନ୍ ୨୨ ତାରିଖ୍ ଦିନ ମାହାପୁରୁଙ୍କର୍ ଦେବସ୍ନାନ ପୁର୍ଣ୍ଣିମା ହେବା । ଇଥିର୍‌ଲାଗି ଗଲାକାଏଲ୍ ଶ୍ରୀମନ୍ଦିର୍ ମୁଖ୍ୟପ୍ରଶାସକ୍ ବୀରବିକ୍ରମ୍ ଯାଦବଙ୍କର୍ ଅଧକ୍ଷତାଥି ଶ୍ରୀମନ୍ଦିର୍‌ର ଛତିଶାନିଯୋଗ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦେବସ୍ନାନ ପୂର୍ଣ୍ଣିମାର୍ ନୀତିନିର୍ଘଂଟ ବାବ୍‌ଦେ ନିଷ୍ପତି ନିଆଯାଇଛେ । ଧାରିଜ୍

ହେଇଥିବା ନୀତିକାନ୍ତି ଅନ୍‌ସାରେ ୨୨ ତାରିଖ୍ ଦିନ ପହପହ ସାଢ଼େ ୪ ବଜେ ମଙ୍ଗଳାର୍ପଣ ହେବା । ଇତାର୍‌ଉତ୍‌ରୁ ୫ ନୁ ୭ ବଜେ ଭିତ୍‌ରେ ଡୋରଲାଗି ଆଉ ପୁଷ୍ପାଞ୍ଜଳି ହେଇକରି ମାହାପୁରୁମାନ୍‌କର୍ ପହଣ୍ଡି ମୁଲ୍ ହେବା । ପହଣ୍ଡି ସର୍‌ବାର୍ ଉତ୍‌ରୁ ସ୍ନାନବେଦୀ ନ ୯ ବାଜିକରି ୧୦ ମିନିଟ୍‌ଥି ଶ୍ରୀଜୀଉଙ୍କର୍ ମଙ୍ଗଳଆଲ୍‌ତୀ ହେବା । ଦିନ୍‌ବେଲା ୧୨ ବାଜିକରି ୨୦ ମିନିଟ୍ ନୁ ୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ସ୍ନାନ ନୀତି କରାଯିବା । ଉପର୍‌ବେଲା ୩ ବଜେ ଛେରାପହଁରା ଆଉ ୩ ବାଜିକରି ୪୦ ମିନିଟ୍‌ଥି ଶ୍ରୀଜୀଉଙ୍କର୍ ଗଜବେଶ ମୁଲ୍ ହେବା ବଲି  ସୂଚ୍‌ନା ମିଲିଛେ । ରାତି ସାଢ଼େ ୭ ବଜେନୁ ସାଢ଼େ ୧୦ ବଜେତକ୍ ମାହାପୁରୁମାନ୍‌କର୍ ସାହାଣ ମେଲା ଦର୍ଶନ୍ ଚାଲ୍‌ବା । ରାତି ୧୧ ବଜେ ଗଜବେଶ ଓଲାଗି ଉତ୍‌ରୁ ସାଢ଼େ ୧୧ ବଜେନୁ ବାହୁଡ଼ା ପହଣ୍ଡି ମୁଲ୍ ହେଇକରି ରାତି ୨ ବଜେ ଭିତ୍‌ରେ ସର୍‌ବା ବଲି ବୈଠକ୍‌ଥି ଥିର୍ କରାହେଇଛେ । ଇ ବୈଠକ୍‌ଥି ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ, ଏସ୍.ପି. ପିନାକ ମିଶ୍ର ଆଉ ଛତିଶା ନିଯୋଗର ସବୁ ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ନାଁଲେଖା ଫି ଫେରସ୍ତ- ୟୁଜିସି ଆର୍‌ଏନ୍‌ୟୁ /ସମ୍ବଲପୁର

ନାଁଲେଖା ଫି ଫିରାବାର୍ ବିଷେଥି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍ଫୁ ଫି’ ଫେରସ୍ତ ନୀତି -୨୦୨୪-୨୫ ଜାରି ହେଇଛେ । ନାଁଲେଖା ବାତିଲ୍ କି ପ୍ରତ୍ୟାହାର୍ ଉତ୍ରୁ ଫି’ ଫିରାବାର୍ ନେଇକରି ବହୁତ୍ଟେ ଶିକ୍ଷାନୁଷ୍ଠାନ୍ ଅବ୍ହେଲା କରୁଥିବା ଅଭିଯୋଗ୍ ହେଉଛେ । ଇତାକେ ଆଧାର୍ କରିକରି ୟୁଜିସି ତର୍ଫୁ ଇ ପଦକ୍ଷେପ୍ ନିଆଯାଇଛେ । ଇ ନୀତି ଅନ୍ସାରେ ସେପ୍ଟେମ୍ବର୍ ୩୦ ତାରିଖ୍ ଭିତ୍ରେ ଯଦି ନୂଆଁ ନାଁଲେଖା - ପ୍ରତ୍ୟାହାର୍ କି ବାତିଲ୍ କର୍ବେ ବେଲେ ସେ ଛାତ୍ରଛାତ୍ରୀଙ୍କୁ ସବୁ ଫି’ ଫିରେଇ ଦିଆଯିବା । ସେନ୍ତା ଅକ୍ଟୋବର୍ ୩୧ ତାରିଖ୍ ଭିତ୍ରେ ବାତିଲ୍ କି ପ୍ରତ୍ୟାହାର୍ କଲେ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନେ ଖାଲି ହଜାରେ ଟଙ୍କା ଫିରାବେ । ଇ ନିୟମ୍କେ ୟୁଜିସି ସ୍ୱିକୃତୀ ପାଇଥିବା ବିଶ୍ୱବିଦ୍ୟାଳୟ, ରାଜ୍ୟ ଆଉ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ , ଡିମ୍ଡ୍ - ଟୁ ବି ବିଶ୍ୱବିଦ୍ୟାଳୟ ଆଉ ଅନୁମୋଦିତ ସଂସ୍ଥା କ୍ଷେତ୍ରଥି ଲାଗୁ କରାଯିବା । ଯଦି କେନ୍ସି ଶିକ୍ଷାନୁଷ୍ଠାନ୍ ନିୟମ୍କେ ଖିଲାପ୍ କଲେ ତାଙ୍କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ୟୁଜିସି ତର୍ଫୁ କୁହାଯାଇଛେ ।

ନେଟ୍ ପରୀକ୍ଷା ଆର୍ଏନ୍ୟୁ / ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି - ନେଟ୍ ପରୀକ୍ଷା ଆଏବା ୧୮ ତାରିଖ୍ ଦିନ ହେବା । ପରୀକ୍ଷାର୍ଥୀମାନେ ଏନ୍‌ଟିଏ ୱେବ୍‌ସାଇଟ୍‌କେ ଯାଇକରି ନିଜର୍ ଆପ୍ଲିକେସନ୍ ନମ୍ବର୍ ଆର୍ ଜନମ୍ ତାରିଖ୍ ଦେଇକରି ଏଡ଼ମିଟ୍ କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ । ୟୁଜିସି ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ନେଟ୍ ପରୀକ୍ଷା ୨ଟା ସିଫ୍ଟ୍‌ଥି ହେବା । ପହେଲା ସିଫ୍ଟ ସଖାଲ୍‌ବେଲା ସାଢ଼େ ୯ ବଜେନୁ ଦିନର୍ ସାଢ଼େ ୧୨ ବଜେତକ୍ ଚାଲ୍‌ବା । ଇଥି ୪୨ ଟା ବିଷେଥି ପରୀକ୍ଷା ହେବା । ସେନ୍ତା ୨ ନମ୍ବର୍ ସିଫ୍ଟ ଉପର୍‌ବେଲା ୩ ବଜେନୁ ସଞ୍ଝର୍ ୬ ବଜେତକ୍ ହେବା । ଇଥି ୪୧ ଟା ବିଷେଥି ପରୀକ୍ଷା ହେବା ବଲି ସୂଚ୍‌ନା ମିଲିଛେ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ରଜ ସଂକ୍ରାନ୍ତି । ଇଥିର ଲାଗି ଗାଁ ନୁ ସହରତକ୍ ଉତ୍ସବମୁଖର ହେଇଛେ । ଘରେ ଘରେ ପିଠାପନା ତିଆରି ସାଙ୍ଗେ ଟୁକେଲ୍ ଛୁଆମାନେ ରଜଦୁଲି ଖେଲୁଛନ୍ । ଆଏବାକାଏଲ୍ ଭୂମିଦହନ ହେବା । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମିକେ ଜୁତା

କୁଡ଼ା ନାଇଁ କରନ୍ । ଓଡ଼ିଶାର୍ ଗଣପର୍ବ ରଜ ପଶ୍ଚିମ ଓଡ଼ିଶାର୍ ଲୋକ୍‌ମାନ୍‌କୁ ଭିଲ୍ ଆକର୍ଷିତ କରୁଛେ । ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ଇ ପର୍ବ ଘରେ ଘରେ ପାଲନ୍ କରାଯାଉଥିବାର୍ ବେଲେ ଇ ଇଲାକା ନ ଗଲା କେତେ ବଛର୍ ହେଲା ରଜ ଉତ୍ସବ୍‌କେ ସର୍‌କାରୀସ୍ତର୍‌ଥି ସମ୍ବଲ୍‌ପୁର୍ ପାନ୍ଥ ନିବାସ୍ ନ ଆୟୋଜନ୍ କରାଯାଉଛେ ।

ପାଣିପାଗ               ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ୧୭ ତାରିଖ୍‌ନୁ ରାଏଜେ ଜବର୍ ବର୍ଷା ହେବା । ମୌସୁମୀ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୁଲ୍ ଥିବାର୍‌ନୁ ବର୍ଷାର୍ ପରିମାଣ୍ ବଢ଼୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏଜ୍ ଆର୍ ସୋମ୍‌ବାର୍ ଦିନ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ବହୁତ୍‌ଟେ ଗୁଲ୍‌ଗୁଲି ହେଇପାରେ । ଏଛେନ୍ ମୌସୁମୀ ମାଲ୍‌କାନ୍‌ଗିରିତକ୍ ପୁହୁଁଚିଛେ । ଆଏବା ୪ ନୁ ୫ ଦିନ୍ ଭିତ୍‌ରେ ମୌସୁମୀ କୋରାପୁଟ୍ ଛୁଇଁପାରେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।